Series ΣHEFG

Set-4

Q.P. Code 13

Roll No.

Candidates must write the Q.P. Code on the title page of the answer-book.

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* | *Maximum Marks : 80*

- ପ୍ରଶ୍ନପତ୍ରଟି **15** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
- ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
- ପ୍ରଶ୍ନପତ୍ରରେ **14**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
- **ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉତ୍ତର ପୁସ୍ତିକାରେ ପ୍ରଶ୍ନର ଉପଯୁକ୍ତ ସ୍ଥାନରେ ଲେଖ ।**
- ପ୍ରଶ୍ନପତ୍ର ପଢିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
- Please check that this question paper contains **15** printed pages.
- Q.P. Code given on the right hand side of the question paper should be written on the title page of the answer-book by the candidate.
- Please check that this question paper contains **14** questions.
- **Please write down the serial number of the question in the answer-book before attempting it.**
- 15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the students will read the question paper only and will not write any answer on the answer-book during this period.

**General Instructions :**

(i) *The Question Paper contains 2 Parts – Part-I, Part-II & 4 Sections – MCQ, Reading, Writing & Literature.*

(ii) *Part I contains 7 MCQ questions in Section A. Attempt the questions based on the specific instructions given in each question.*

(iii) *Part II contains 7 descriptive questions in 3 sections. Attempt any 5 questions from Q. No. 8 in Section B; 1 each from Q. No. 9 & 10 in Section C; 1 each from Q. No. 11 & 13, 2 each from Q. No. 12 & 14 from Section D.*

## PART I

## SECTION A

**1.** ପ୍ରବନ୍ଧ ବିଭାଗରୁ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ । (ଯେକୌଣସି ୮ ଟି) *8×1=8*

(i) କାହାର କୋଳାହଳ ପାଇଁ ନୀଳାଚଳନାଥଙ୍କ କାନରେ ଭକ୍ତର କାତର ଡାକ ପଡ଼େ ନାହିଁ ? *1*

(a) ପ୍ରଭଞ୍ଜନ (b) ସିନ୍ଧୁ

(c) ଝାଉଁବଣ (d) ଜନତା

(ii) ଆଜିର ଶିକ୍ଷିତ ଭୋଟ୍‌ଦାତାମାନେ ଭୋଟ୍ ଦେବାକୁ କ'ଣ ହୋଇଥାନ୍ତି ? *1*

(a) ତତ୍ପର (b) ସଚେତନ

(c) ଉଦାସୀନ (d) ଅଚେତନ

(iii) କାହାର କାର୍ଯ୍ୟ କଦାପି ଅସମ୍ପନ୍ନ ରହିବ ନାହିଁ ? *1*

(a) ବିଧାତା (b) ଜନତା

(c) ଲୋକତନ୍ତ୍ର (d) ଗଣତନ୍ତ୍ର

(iv) କେଉଁମାନଙ୍କ ଦ୍ୱାରା ପାଳିତ କଳାପୀର କେକାରେ ବନଭୂମି ପୂର୍ଣ୍ଣ ହେବ ବୋଲି ଲେଖକ କହିଛନ୍ତି ? *1*

(a) ତବତରୁଣୀ (b) ମଦାଳସା

(c) ନବଯୁବକ (d) ଭଞ୍ଜନୃପ

(v) ଭଲମନ୍ଦ ଚିହ୍ନିବାର ଯୋଗ୍ୟତା ଯେଉଁଠାରେ ନାହିଁ, ସେଠାରେ ମୁଖ୍ୟତଃ କାହାର ଜୟ ହୁଏ ? *1*

(a) ଘୋଷଣାର

(b) ଜନତାର

(c) ସାଧୁତାର

(d) ପ୍ରୋପାଗଣ୍ଡାର

(vi) ଈଶ୍ୱର ଆମ୍ଭମାନଙ୍କ ଦେଶକୁ କେଉଁ ଅନୁରାଗ ହସ୍ତରୁ ରକ୍ଷା କରନ୍ତୁ ? *1*

(a) ସରଳ (b) ବିକୃତ

(c) ଅବସନ୍ନ (d) ନିଜସ୍ୱ

(vii) କାହାକୁ ଦେଖି ପୁରୋହିତଙ୍କ ଛାତିରେ ପବନ ଅଟକିଗଲା ? *1*

(a) ରାଧୁ (b) ଶ୍ୟାମ

(c) ଅଗାଧୁ (d) ଦାମ

(viii) ବନବାସୀମାନେ କାହାର ଅନୁଗ୍ରହ ଲୋଡନ୍ତି ? *1*

(a) ପ୍ରକୃତି (b) ବନଲତା

(c) ବାରିବାହ (d) ପର୍ବତ

(ix) ଗୋଟିଏ ଜାତିର ଭାବଭୂମି କେଉଁଥିରୁ ଆକଳନ କରାଯାଏ ? *1*

(a) ଲୋକସଂଖ୍ୟା (b) ଶିକ୍ଷା

(c) ପୁରାଣ (d) ଇତିହାସ

(x) ଆଜିର ଜନତା ଜନାର୍ଦ୍ଦନ କାହାପରି ଓଠଚାଟି ତରାଜୁ ଧରିଥିବା ପ୍ରତିନିଧି ମାନଙ୍କୁ ଅନାଇ ରହିଛନ୍ତି ? *1*

(a) ଦୁଇବାଘ (b) ଦୁଇବିରାଡ଼ି

(c) ଦୁଇ ଶୃଗାଳ (d) ଦୁଇ ମାଙ୍କଡ଼

**2.** କବିତା ବିଭାଗରୁ ପ୍ରଶ୍ନଗୁଡ଼ିକର ଯଥାର୍ଥ ଉତ୍ତର ବାଛି ଲେଖ । *7×1=7*
(ଯେକୌଣସି ୭ ଟିର)

(i) ସୀତା ପତ୍ର ଲେଖୁଥିଲା ବେଳେ କିଏ ହସି ହସି ପହଞ୍ଚିଲେ ? *1*

(a) ବାଲ୍ମିକି (b) ରାମଙ୍କ ଦୂତ
(c) ସଖୀ (d) ଲବ–କୁଶ

(ii) ବହ୍ନିଶିଖା ପରି ଉର୍ଦ୍ଧ୍ୱଗାମୀ କିଏ ? *1*

(a) ସାମନ୍ତ ଚନ୍ଦ୍ରଶେଖର
(b) ଉତ୍କଳର ଗଜପତି
(c) ଉତ୍କଳର ସେନାପତି
(d) ବକ୍ସି ଜଗବନ୍ଧୁ

(iii) କେଉଁମାଳା ଦରକାର ନାହିଁ ବୋଲି ପିଙ୍ଗଳା କହିଛି ? *1*

(a) ବନପୁଷ୍ପର ମାଳା
(b) ମଲ୍ଲୀମାଳା
(c) ମଣିକାଞ୍ଚନର ମାଳା
(d) ମରକତ ମାଳା

(iv) 'ଶରଣବତ୍ସଳ' ବୋଲି କବିତାରେ କାହାକୁ କୁହାଯାଇଛି ? *1*

(a) ରାମଚନ୍ଦ୍ର (b) ରାବଣ
(c) ବଶିଷ୍ଠ (d) ଦଶରଥ

(v) ସୂର୍ଯ୍ୟାସ୍ତ ସମୟରେ ଗଛ ଗୁଡ଼ିକର ଛାଇ ଲମ୍ବିଯାଇ ଥିବାରୁ କବି କ'ଣ କଳ୍ପନା କରୁଛନ୍ତି ? *1*

(a) ଗଛମାନେ ଅନ୍ଧାରକୁ ଜାବୁଡ଼ି ଧରିଛନ୍ତି
(b) ପରାଧୀନତା ପରି ଅନ୍ଧକାର ବ୍ୟାପି ଯାଉଛି
(c) ଗଛମାନେ ସୂର୍ଯ୍ୟଙ୍କ ପାଦରେ ପ୍ରଣାମ କରୁଛନ୍ତି ?
(d) ଗଛମାନେ ଗର୍ବରେ ଫୁଲି ଉଠୁଛନ୍ତି ?

(vi) ଧନ ଅର୍ଜନର ସଫଳତା କେଉଁଠି ଥାଏ ? *1*

(a) ଖାଇପିଇ ଆରାମ କରିବାରେ

(b) ବିଳାସବ୍ୟସନରେ ବ୍ୟୟ କରିବାରେ

(c) ସୁବ୍ୟୟରେ

(d) ଅନ୍ୟକୁ ଦାନ କରିବାରେ

(vii) ସଚେ୍‌ତନ ପିଙ୍ଗଳାର ଅଙ୍ଗ ପୁଲକକୁ କାହା ସହିତ ତୁଳନା କରାଯାଇଛି ? *1*

(a) ପ୍ରସ୍ଫୁଟିତ ପଦ୍ମ

(b) କୋରକିତ କେତକୀ

(c) ବିକଶିତ ମଲ୍ଲୀ

(d) ବରଷାର ନୀପ

(viii) 'ଦୀନ ଭିଖାରୁଣୀ' ବୋଲି କବିତାରେ କାହାକୁ କୁହାଯାଇଛି ? *1*

(a) ଉର୍ମିଳା (b) ସୀତା

(c) କୈକେୟୀ (d) ସୁନୟନା

(ix) ପ୍ରଣୟ ପୀୟୁଷରେ କ'ଣ ମିଶିଛି ? *1*

(a) ମିଳନର ଅମୃତ

(b) ନିର୍ଯାତନାର କୁଟିଳତା

(c) ପ୍ରତିକ୍ରିୟାର ହଳାହଳ

(d) ବିରହର ବିଷ

**3.** ଗଳ୍ପ ବିଭାଗରୁ ପ୍ରଶ୍ନଗୁଡ଼ିକର ଉତ୍ତର ବାଛି ଲେଖ । (ଯେକୌଣସି **୫** ଟିର) *5×1=5*

(i) 'ସଭ୍ୟଜମିଦାର' ଗଳ୍ପରେ ସାଆନ୍ତାଣୀଙ୍କର ବିଶ୍ୱାସୀ ପୋଇଲି କିଏ ? *1*

(a) ପଦୀ (b) ରାଧୀ

(c) ଫୁଲ (d) କନି

(ii) ରାତିସାରା କେଉଁଥିରେ ମାତି ବିଜୟ ଘରକୁ ଫେରିଥିଲା ? *1*

(a) ମୁକ୍ତି ସଂଗ୍ରାମ

(b) ସ୍ୱାଧୀନତା ଆନ୍ଦୋଳନ

(c) ସ୍ୱାଧୀନତା ଉତ୍ସବ

(d) ଜନତାଙ୍କ ଉତ୍ସବ

(iii) ଅଶୋକଙ୍କ ପିଠି ଉପରେ ମାଷ୍ଟରଜୀଙ୍କ ବଡପାପୁଲି କିପରି କମ୍ପି ଉଠିଥିଲା ? *1*

(a) ବରପତ୍ର

(b) ଦେବଦାରୁ ପତ୍ର

(c) କଦଳୀ ପତ୍ର

(d) ଅଶ୍ୱତ୍ଥ ପତ୍ର

(iv) କଲିକତା ଆମଦାନି ମାଲ୍ ମଧ୍ୟରେ କ'ଣ ପ୍ରଧାନ ଥିଲା ? *1*

(a) ଧୂଆଁପତ୍ର

(b) ସବାଇଘାସ

(c) ତେଜପତ୍ର

(d) ହଳଦୀପତ୍ର

(v) ମନୁଷ୍ୟର ଜନ୍ମଗତ ଦାବି ବୋଲି କାହାକୁ କୁହାଯାଇଛି ? *1*

(a) ମାନବିକତା

(b) ପବିତ୍ରତା

(c) ସ୍ୱାଧୀନତା

(d) ମହନୀୟତା

(vi) ପିଲାବେଳେ ରାମନଗର ବୁଲି ଗଙ୍ଗାପାର ହେଉଥିବା ବେଳେ ଅଶୋକଙ୍କ ବୟସ କେତେ ଥିଲା ? *1*

(a) ଏଗାର

(b) ବାର

(c) ଆଠ

(d) ଦଶ

(vii) କନ୍ୟାପିତା ମକ୍ତା ମଳିକ ଆସାମ ଚା ବଗିଚାରେ ପଦୋନ୍ନତି ପାଇ ଶେଷରେ କ'ଣ ହୋଇଥିଲା ? *1*

(a) ଖାନସମା

(b) ବବୁର୍ଚି

(c) କୁଲି ସର୍ଦ୍ଦାର

(d) ମ୍ୟାନେଜର

**4.** ଯଥାର୍ଥ ବିପରୀତାର୍ଥବୋଧକ ଶବ୍ଦଟି ବାଛି ଲେଖ । (ଯେକୌଣସି ୫ଟିର) *5×1=5*

(i) ଅପେକ୍ଷା *1*

(a) ସମୀକ୍ଷା

(b) ପ୍ରତୀକ୍ଷା

(c) ଉପେକ୍ଷା

(d) ଦୀକ୍ଷା

(ii) ସୂକ୍ଷ୍ମ *1*

(a) ସ୍ଥୂଳ

(b) ସ୍ଥାବର

(c) ଛଦ୍ମ

(d) ପ୍ରାଚୀନ

(iii) ଗରିମା *1*

(a) ସୁଷମା

(b) ନୀଳିମା

(c) ଚନ୍ଦ୍ରମା

(d) ଲଘିମା

(iv) ନବୀନ *1*

(a) ନୂତନ

(b) ପ୍ରାଚୀନ

(c) ପୁରାତନ

(d) ମୋହନ

(v) ପ୍ରବେଶ *1*

(a) ସୁବାସ

(b) ନିଦାନ

(c) ପ୍ରସ୍ଥାନ

(d) ଜୀବନ

(vi) ଲୋଭୀ *1*

(a) ନିର୍ଲୋଭ

(b) ନିର୍ଲୋଭୀ

(c) ଦାତା

(d) ଶୋଭନୀୟ

(vii) ସାକାର *1*

(a) ବିକାର

(b) ହାହାକାର

(c) ନଗର

(d) ନିରାକାର

**5.** ନିମ୍ନରେ ଦିଆଯାଇଥିବା ଉତ୍ତର ପର୍ଯ୍ୟାୟରୁ ଶୁଦ୍ଧ ଶବ୍ଦଟି ବାଛି ଲେଖ । *5×1=5*
(ଯେକୌଣସି **୫** ଟିର)

(i) (a) ମଧୂସୂଦନ (b) ମଧୁସୂଦନ
(c) ମଧୁସୁଦନ (d) ମଧୁସୁଧନ *1*

(ii) (a) ଗବେଷଣା (b) ଗବେସଣା
(c) ଗବେଶଣା (d) ଗବୈସଣା *1*

(iii) (a) ମହିଅସି (b) ମହିୟସି
(c) ମହିୟସୀ (d) ମୟୀୟସୀ *1*

(iv) (a) ନିଳାଦ୍ରୀ (b) ନୀଳାଦ୍ରୀ
(c) ନୀଳାଦ୍ରି (d) ନିଳାଦ୍ରି *1*

(v) (a) ସୀମିତ (b) ସିମିତ
(c) ସିମୀତ (d) ଶିମିତ *1*

(vi) (a) ସମ୍ମାନୀୟ (b) ସମାନିୟ
(c) ସମ୍ମାନନୀୟ (d) ସମ୍ମାନିୟ *1*

(vii) (a) ବିସେଷଣ (b) ବିଷେଶଣ
(c) ବୀସେଶଣ (d) ବିଶେଷଣ *1*

**6.** ନିମ୍ନରେ ଦିଆଯାଇଥିବା ଉତ୍ତର ପର୍ଯ୍ୟାୟରୁ ଯଥାର୍ଥ ଏକପଦ ଶବ୍ଦଟି ବାଛି ଲେଖ ।
(ଯେକୌଣସି **୫** ଟିର) *5×1=5*

(i) ଜାଣିବାର ଇଚ୍ଛା *1*

(a) ବୀପ୍‌ସା

(b) ଶୁଶ୍ରୁଷା

(c) ଜିଗୀସା

(d) ଜିଜ୍ଞାସା

(ii) ବିଷ୍ଣୁଙ୍କର ଉପାସକ *1*

(a) ବିଷ୍ଣୁଭକ୍ତ

(b) ବୈଷ୍ଣବ

(c) ବୈଷ୍ଣୁ

(d) ବୈଷ୍ଣବ୍ୟ

(iii) ଦର୍ଶନଶାସ୍ତ୍ରରେ ପଣ୍ଡିତ *1*

(a) ଦାର୍ଶନିକ

(b) ଶାସ୍ତ୍ରଜ୍ଞ

(c) ତାର୍ତିକ

(d) ପ୍ରବଚ୍‌କ

(iv) ଯିଏ ହତ୍ୟାକରେ *1*

(a) ହର୍ତ୍ତା

(b) ଭର୍ତ୍ତା

(c) ହନ୍ତା

(d) କର୍ତ୍ତା

(v) ଦ୍ରୁପଦଙ୍କ କନ୍ୟା *1*

(a) ଦ୍ରୁପଦୀ

(b) ଦ୍ରୌପଦି

(c) ଦ୍ରୁପଦା

(d) ଦ୍ରୌପଦୀ

(vi) ଅନ୍ୟରୂପ *1*

(a) ଗ୍ରାମାନ୍ତର

(b) ରୂପାନ୍ତର

(c) ଦେଶାନ୍ତର

(d) ମତାନ୍ତର

(vii) ନାହିଁ ଦୟା ଯାହାର *1*

(a) ନିର୍ଦ୍ଦୟ

(b) ନିର୍ମମ

(c) ନିର୍ଭୟ

(d) ନିଷ୍ଠୁର

**7.** ନିମ୍ନରେ ଦିଆଯାଇଥିବା ଉତ୍ତର ପର୍ଯ୍ୟାୟରୁ ସମୋଚ୍ଚାରିତ ଯଥାର୍ଥ ଶବ୍ଦ ବାଛି ଉତ୍ତର ଦିଅ । (ଯେକୌଣସି **୫** ଟିର) *5×1=5*

(i) ନିଶା – ନିଶା *1*

(a) ଆଦର – ମନ୍ତ୍ରୀ

(b) ବୀର – ଛାତ୍ର

(c) ରାତି – ମାଦକ ଦ୍ରବ୍ୟ

(d) ରାସ୍ତା – ମନ୍ଦିର

(ii) ତଟକା – ତାଟକା *1*

(a) ସଜ – ଆଶ୍ଚର୍ଯ୍ୟ

(b) ପଥର – ବାଲି

(c) ଉତ୍ତର – ପରିବା

(d) ସଙ୍ଗୀତ – ଦିନ

(iii) ବାସ – ବାସ *1*

(a) ସୁଗନ୍ଧ – ପୋଖରୀ

(b) ଫୁଲ – ଗଛ

(c) ପଶୁ – ଜଙ୍ଗଲ

(d) ବସ୍ତ୍ର – ସୁଗନ୍ଧ

(iv) ବିଷ – ବିସ *1*

(a) କାର୍ଯ୍ୟ – ପୁସ୍ତକ

(b) ଜହର – ପଦ୍ମନାଡ଼

(c) ବ୍ୟାୟାମ – ଅନିଦ୍ରା

(d) ପ୍ରତିଦିନ – ସାଙ୍ଗ

(v) ଲକ୍ଷ – ଲକ୍ଷ୍ୟ *1*

(a) ସଂଖ୍ୟାବିଶେଷ – ଉଦ୍ଦେଶ୍ୟ

(b) ରାଜ୍ୟ – ବାନର

(c) ଛାତ୍ରଛାତ୍ରୀ – ପରିଶ୍ରମ

(d) ନାରୀ – ହସ୍ତ

(vi) ଶମନ – ସମନ *1*

(a) ଫଳ – ମସ୍ତକ

(b) ସ୍ୱର୍ଗ – ପାତାଳ

(c) ଧନୁ – ଚୋର

(d) ଯମ – ଆଦେଶପତ୍ର

## PART II
## SECTION B

**8.** ଅନୁଚ୍ଛେଦଟି ପାଠ କରି ଯେକୌଣସି *୫* ଟି ପ୍ରଶ୍ନର ଉତ୍ତର ଲେଖ । *5×2=10*

ରାଜକୋଟ୍ ହାଇସ୍କୁଲ ପରିଦର୍ଶକଙ୍କ ସମ୍ବନ୍ଧରେ ଗାନ୍ଧିଜୀ ଲେଖିଛନ୍ତି । ଶିକ୍ଷା ଇନ୍‌ସପେକ୍ଟର ମିଷ୍ଟର ଗିଲ୍‌ସ୍ ସ୍କୁଲ ପରିଦର୍ଶନରେ ଆସିଥିଲେ । ପାଞ୍ଚଗୋଟି ଶବ୍ଦର ବନାନ ଲେଖିବା ପାଇଁ ସେ ଆମ୍ଭ ମାନଙ୍କୁ କହିଲେ । ସେଥି ମଧ୍ୟରୁ ଗୋଟିଏ ଶବ୍ଦ ହେଲା 'କେଟ୍‌ଲ' (Kettle) । ମୁଁ ତା'ର ବନାନଟି ଭୁଲ ଲେଖିଥିଲି । ଶିକ୍ଷକ ତାଙ୍କ ଜୋତାର ଟିପ ସାହାଯ୍ୟରେ ମୋର ଭୁଲଟି ସୂଚାଇ ଦେବାକୁ ଚେଷ୍ଟାକଲେ; କିନ୍ତୁ ମୁଁତାହା ଶୁଣିଲି ନାହିଁ । ମୋ ପାଖ ପିଲାର ସିଲଟ୍‌ରୁ ଦେଖି ବନାନ୍‌ଟି ଲେଖି ଦେବାକୁ ସେ ଯେ ମୋତେ ଇଙ୍ଗିତ ଦେଉଛନ୍ତି, ଏହା ମୋର କଳ୍ପନାତୀତ ଥିଲା । କାରଣ, ମୁଁ ଭାବିଥିଲି ଯେ ଆମେ ଯେପରି କାହାରି ସିଲଟ୍‌ରୁ କେହି ନକଲ ନକରୁ, ତାହା ଦେଖିବା ପାଇଁ ଶିକ୍ଷକ ସେଠାରେ ଅଛନ୍ତି । ତାହା ଫଳରେ ଏହାହିଁ ହେଲା ଯେ ମୋ ଛଡ଼ା ଅନ୍ୟ ସବୁ ପିଲା ସେ ଶବ୍ଦଟିକୁ ଠିକ୍ ଭାବରେ ଲେଖିବାକୁ ସମର୍ଥ ହେଲେ, ମୁଁ ହିଁ ଏକମାତ୍ର ବୋକା ହୋଇ ରହିଗଲି । ମୋର ଏହି ବୋକାମି ବିଷୟରେ ମୋତେ ବୁଝାଇବା ପାଇଁ ଶିକ୍ଷକ ପରେ ଚେଷ୍ଟା ମଧ୍ୟ କରିଥିଲେ, ମାତ୍ର ତା'ର ଫଳକିଛି ହୋଇନଥିଲା । ମୁଁ ନକଲ କରିବା କଳାଟିକୁ କୌଣସି ମତେ ଶିଖି ପାରିଲି ନାହିଁ । ସହଜେ ଶବ୍ଦଟି ଭୁଲ ଲେଖିଲି ପୁଣି ଶିକ୍ଷକଙ୍କ ଇଙ୍ଗିତ ମଧ୍ୟ ବୁଝିପାରିଲିନି, ସେଥିପାଇଁ ସମସ୍ତଙ୍କ ଦୃଷ୍ଟିରେ ମୁଁ କେମିତି ଛୋଟ ହୋଇଗଲା ପରି ଅନୁଭବ କଲି । ମୁଁ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ଏହିଁ ଘଟଣାଟି ଘଟିଥିଲା ।

(i) ପରିଦର୍ଶନରେ ଆସିଥିବା ଶିକ୍ଷାବିଭାଗର ଇନ୍‌ସପେକ୍ଟରଙ୍କ ନାମ କ'ଣ ଥିଲା ? *2*

(ii) ସେ ପିଲାମାନଙ୍କୁ କେତୋଟି ଶବ୍ଦ ଲେଖିବାପାଇଁ ଡାକିଥିଲେ ? *2*

(iii) ସେ ସମୟରେ ଗାନ୍ଧିଜୀ କେଉଁ ଶ୍ରେଣୀରେ ପଢୁଥିଲେ ? *2*

(iv) କେଉଁ ଶବ୍ଦର ବନାନ ଗାନ୍ଧିଜୀ ଭୁଲ ଲେଖିଥିଲେ ? *2*

(v) କେଉଁ ଘଟଣା ଗାନ୍ଧିଜୀଙ୍କର କଳ୍ପନାତୀତ ଥିଲା ? *2*

(vi) ଶିକ୍ଷକ କିପରି ଗାନ୍ଧୀଜୀଙ୍କର ଭୁଲଟି ସୂଚାଇ ଦେଇଥିଲେ ? *2*

(vii) କେଉଁ କଳାଟି ଗାନ୍ଧିଜୀ କୌଣସି ମତେ ଶିଖି ପାରିଲେ ନାହିଁ ? *2*

## SECTION C

**9.** ଯେକୌଣସି ***ଗୋଟିଏ*** ବିଷୟରେ ପ୍ରବନ୍ଧ ଲେଖ । *6*

(i) ଦେଶ ଗଠନରେ ଛାତ୍ରର ଭୂମିକା

(ii) ଏକତାହିଁ ବଳ

(iii) ମୋପ୍ରିୟ ମହାପୁରୁଷ

**10.** (a) ତୁମ ବିଦ୍ୟାଳୟର ପାଠାଗାରକୁ କିଛି ଉପାଦେୟ ପୁସ୍ତକ ଯୋଗାଇ ଦେବାକୁ ଅନୁରୋଧ କରି 'ପ୍ରାଚୀ ପ୍ରକାଶନ'ର ପ୍ରକାଶକଙ୍କୁ ଏକ ପତ୍ର ଲେଖ । *6*

**କିମ୍ବା**

(b) ତୁମ ଅଞ୍ଚଳର ସ୍ୱାସ୍ଥ୍ୟ ସେବା ପ୍ରତି ବିଶେଷ ଦୃଷ୍ଟି ଦେବାକୁ ଅନୁରୋଧ କରି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏକ ଦରଖାସ୍ତ ଲେଖ ।

## SECTION D

**11.** ସପ୍ରସଙ୍ଗ ସରଳାର୍ଥ ଲେଖ । (***ଗୋଟିଏ***) *5*

(i) "ପୁଣି ନୂତନ ଅଭିନୟ ଆରମ୍ଭ ହେଉଛି ଠିକ୍ ସେଇ ଢଙ୍ଗରେ, ସେଇ ଜିନିଷ – ସେଇ ପ୍ରତିନିଧି, ସେଇ ଖେଳ, ବ୍ୟବଧାନ କେବଳ ସମୟ"

(ii) " 'ଧର୍ମର ଜୟ, ଅଧର୍ମର ପରାଜୟ' ଇତିହାସ ବଜ୍ରଗମ୍ଭୀର ସ୍ୱରରେ ଘୋଷଣା କରୁଅଛି । ଅପରିଣାମଦର୍ଶୀ ମାନବ ଅନେକ ସମୟରେ ପୃଥିବୀରେ ବିପରୀତ ଭାବଦର୍ଶନକରି ଅବିଶ୍ୱାସୀ ହୁଏ"

**12.** ନିମ୍ନରେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । *2×2=4*

(ଯେକୌଣସି ***୨*** ଟି)

(i) କେଉଁ ଉପଯୁକ୍ତ ବ୍ୟକ୍ତିକୁ ପ୍ରତିନିଧିରୂପେ ବାଛିବା ଉଚିତ୍ ?

(ii) ଶତ ଶତାବ୍ଦୀଧରି ଜଗନ୍ନାଥଙ୍କ ଠାରେ ସବୁ ଏକାଧାରରେ କ'ଣ ପୁଞ୍ଜିଭୂତ ହୋଇ ଆସିଛି ?

(iii) ବୁଦ୍ଧିମାନ ବ୍ୟକ୍ତି ଇତିହାସରୁ କ'ଣ ଅନୁଭବକରି ପାରିବ ?

**13.** ସପ୍ରସଙ୍ଗ ସରଳାର୍ଥ ଲେଖ । (***ଗୋଟିଏ***) *5*

(i) "ବଡ଼ କ୍ରୁର କାଳ, ବଡ଼ ଅବିଶ୍ୱାସୀ"
ହାବୋଡ଼ି ଯିବ ସେ ଆଚମ୍ବିତେ ଆସି"

(ii) "ଆହା ପ୍ରିୟଜନ ବିରହ କି ଦାରୁଣ କଷଣ
ପ୍ରୀତି ପାଶେ ବନ୍ଧା ଜଗତେ ସର୍ବ ଜଡ଼ ଚେ଼ତନ"

**14.** ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଲେଖ । (ଯେକୌଣସି ***୨*** ଟି) *2×2=4*

(i) ଧନ ଅର୍ଜନ ଓ ଏହାର ସୁବ୍ୟୟ କିପରି ହୋଇପାରିବ ବୋଲି କବି ପରାମର୍ଶ ଦେଇଛନ୍ତି ?

(ii) ରାମଚନ୍ଦ୍ରଙ୍କର ଯଜ୍ଞ କରୁଥିବା କଥା ଶୁଣି ସୀତା କେଉଁ ପ୍ରସଙ୍ଗରେ ନିଶ୍ଚିତ ହୋଇଥିଲେ ?

(iii) ପିଙ୍ଗଳାର ମନରେ କାହିଁକି ବୈରାଗ୍ୟ ଜାତ ହେଲା ?